# ପିଲାଙ୍କ ଧରିତ୍ରୀ

ଶନିବାର, ୧୩ ଅଗଷ୍ଟ, ୨୦୨୨



୭ କହିଲ ଦେଖି
ଆଇନା ୮
୩

# ଖିଲି ଖିଲି ହସ

ଏକ କମ୍ପାନୀର ମ୍ୟାନେଜର ଅତି ନମ୍ର ସ୍ୱରରେ ତାଙ୍କର ଜଣେ କର୍ମଚାରୀକୁ କହିଲେ– କ୍ଷମା କରିବ ଚନ୍ଦନ, ମୁଁ ତୁମକୁ ଶୋଇବା ସମୟରେ ଜମା ବି ଉଠାଇ ନ ଥା'ନ୍ତି, ଯଦି ଏ କଥାଟା ଏତେ ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥା'ନ୍ତା। ତୁମକୁ ଆଜିଠୁ ଚାକିରୀରୁ ବରଖାସ୍ତ କରାଗଲା।

**ଡାକ୍ତର:** ଆରେ ବଣ୍ଟି କ'ଣ ହେଲା ?
**ବଣ୍ଟି:** ଆଜ୍ଞା, ମୋତେ କୁକୁର କାମୁଡ଼ିଦେଲା।
**ଡାକ୍ତର:** ବାହାରେ ବୋର୍ଡରେ ଲେଖାହୋଇଛି ରୋଗୀ ଦେଖିବାର ସମୟ କେବଳ ସକାଳ ୮–୧୦ ପର୍ଯ୍ୟନ୍ତ। ହେଲେ ତୁମେ ଆସିଛ ୧ଟା ବେଳେ।
**ବଣ୍ଟି:** ସାର୍, ମୁଁ ବୋର୍ଡ ପଢ଼ିଛି, ଜାଣିଛି, ହେଲେ ସେ କୁକୁରଟା ପଢ଼ା ଜାଣିନି ?

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ – ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ମଧ୍ୟରେ ତାତ୍ପର୍ଯ୍ୟ କ'ଣ କୁହ ?
କ୍ଲାସ୍ ମଧ୍ୟରୁ ରାଜୁ କହିଲା– ସ୍ୱର ବର୍ଣ୍ଣ କହିଲେ ପାଟିରୁ ବାହାରେ ହେଲେ ବ୍ୟଞ୍ଜନ ପାଟି ଭିତରେ ରହିଯାଇଥାଏ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବଣ ମୁଲକରେ ଅଗଷ୍ଟ ପନ୍ଦର

## ଗପ



ବଣରେ ସଭା ବସିଛି। ସିଂହରଜା ସଭାପତି। ଅନ୍ୟାନ୍ୟ ପଶୁପକ୍ଷୀ ନିଜ ନିଜ ଜାଗାରେ ବସି ସଭାପତିଙ୍କ ଭାଷଣ ଶୁଣୁଛନ୍ତି। ରାତି ପାହିଲେ ସ୍ୱାଧୀନତା ଦିବସ। ସବୁ ଯେମିତି ଭଲରେ ହେବ ସେଥିପାଇଁ ସଭା ମଧ୍ୟ ଡକାଯାଇଛି।

ସଭାରେ ସମସ୍ତଙ୍କ ମତାମତ ଶୁଣିବା ପରେ ହାତୀଅଜା ଧୀରେ ଧୀରେ ଶୁଣ୍ଢ ହଲେଇ ଛିଡ଼ା ହେଲା। କହିଲା, ମୁଁ ଭାବୁଛି ଭୋଜିଭାତ, ନାଚଗୀତ ଆଉ ପ୍ରତିଯୋଗିତା ତ ହେବ। ତା' ସହିତ ଆଉ ଗୋଟିଏ କାମ କରିବା। ଆମେ ସମସ୍ତେ ପାଖ ଗାଆଁଗୁଡ଼ିକୁ ଯିବା। ଆମ ରହିବା ଘରଗୁଡ଼ିକୁ ନଷ୍ଟ ନ କରିବା ପାଇଁ ଲୋକମାନଙ୍କୁ ବୁଝାଇବା। ଆମ ପିଲାମାନଙ୍କ ଉପରେ ଆକ୍ରମଣ ନ କରିବାକୁ ମିନତୀ କରିବା। ସ୍ୱାଧୀନ ଦେଶରେ ସେମାନଙ୍କ ଭଳି ଆମର ବି ସ୍ୱାଧୀନଭାବରେ ବଞ୍ଚିବାର ସମାନ ଅଧିକାର ଅଛି। ଆମକୁ କାହିଁକି ସେମାନେ ଶିକାର କରିବେ ? ହାତ ଗୋଡ଼ ବାନ୍ଧି ପାଳିବା ପାଇଁ ଘରକୁ ନେଇଯିବେ ? କାହାକୁ ପଞ୍ଜୁରିରେ ତ କାହାକୁ ଖୁଆଡ଼ରେ ପୂରାଇ ରଖିବେ ? – ରାଗରେ ଗରଗର ହୋଇ ହାତୀଅଜା ଚଢ଼ା ଗଳାରେ କହିଲା।

ସିଂହରଜା ସବୁ ପଶୁପକ୍ଷୀଙ୍କ ମତାମତ ଶୁଣିଲେ। ହାତୀର କଥା ତାଙ୍କ ମନକୁ ପାଇଲା। ହଁ, ସତେ ତ! ଆମେ ନିଜକୁ ଦୁର୍ବଳ ଭାବୁଛୁ ବୋଲି ମଣିଷମାନେ ଆମ ଉପରେ ଅତ୍ୟାଚାର କରୁଛନ୍ତି। ଆମେ ସମସ୍ତେ ଏକାଠି ହେବା। ଅନ୍ୟାୟ ବିରୋଧରେ ଲଢ଼ିବା। ସ୍ୱାଧୀନ ଦେଶରେ ଆମ ଜୀବନ ରକ୍ଷା ପାଇଁ ଆଇନର ବ୍ୟବସ୍ଥା ବି ଅଛି। ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରିବା। ସିଂହରଜା ଭାଷଣ ଶେଷ କରୁକରୁ କହିଲେ–''ଭାଇ ଓ ଭଉଣୀମାନେ, ଏଥର ଜାତୀୟ ପତାକା ତଳେ ଛିଡ଼ାହୋଇ ଆମେ ସମସ୍ତେ ଶପଥ ନେବା। ନିଜକୁ ଓ ନିଜ ପରିବାରକୁ ବଞ୍ଚେଇବା ସହିତ ନିଜ ରହିବା ଜାଗାକୁ ବି ବଞ୍ଚେଇବା। ଗଛ କାଟିବାକୁ ଦେବା ନାହିଁ। ଧୂଳିଧୂଆଁରୁ ପରିବେଶକୁ ରକ୍ଷାକରିବା।'' ଶେଷରେ ଠେକୁଆ ଭାଇ ଧନ୍ୟବାଦ ଦେଲା ଓ ସଭା ଶେଷ ହେଲା।

ରାତି ପାହିଲା। ବଣରେ ଥିବା ପଶୁପକ୍ଷୀଙ୍କର ଖୁସି କହିଲେ ନ ସରେ। ବରଷକରେ ଦିନଟିଏ। ଦେଶ କଥା ମନେ ପକାଇବେ। ନିଜକୁ ରକ୍ଷା କରିବା ପାଇଁ ଶପଥ ନେବେ। ସାଜସଜାରେ ଆଖି ଖୋସି ହୋଇଯାଉଥାଏ। ଭାଲୁ ଭାଇନା ହାତରେ ବାଜା। ବିଲୁଆ ନନା ତୂରୀ ଫୁଙ୍କିଲା। କୁମ୍ଭାଟୁଆ ମହୁରି ବଜାଇଲା। କୋଇଲି ନାନୀ ତା' ମିଠା ସ୍ୱରରେ ଗୀତ ଗାଇବା ଆରମ୍ଭ କଲା।

ନାଚଗୀତର ତାଳେ ତାଳେ ଶୋଭାଯାତ୍ରା ଚାଲିଲା। ଭାରତ ମାତା କି.....ଜୟ...ଧ୍ୱନିରେ ବଣମୁଲକ କମ୍ପି ଉଠୁଥାଏ। ଠିକ୍ ସମୟରେ ଜାତୀୟ ପତାକା ଫରଫର ହୋଇ ଆକାଶରେ ଉଡ଼ିଲା। ସଭିଏଁ ହାତ ଯୋଡ଼ି ପ୍ରଣାମ କଲେ ଓ ଏକସ୍ୱରରେ 'ଜନଗଣମନ–ଅଧିନାୟକ ଜୟ ହେ....' ଗାଇବା ଆରମ୍ଭ କଲେ।

ସିଂହରଜା ପୂର୍ବ ଦିନ କହିଥିବା ନିଜ କଥାକୁ ପୁଣି ଥରେ ସଭିଙ୍କୁ ମନେ ପକାଇଦେଲେ। ସବୁ ପଶୁପକ୍ଷୀ ଏକାଠି ହୋଇ ହାତୀଅଜାଙ୍କ କହିବାନୁଯାୟୀ ନିଜ କାମରେ ଗାଁ ଆଡ଼େ ବାହାରି ପଡ଼ିଲେ। ଯିଏ ଦେଖୁଥାଏ ସିଏ ଭୁରି ଭୁରି ପ୍ରଶଂସା କରି କହୁଥାଏ– ବାଃ...ବାଃ....ରେ ଏମାନଙ୍କ ବିଚାର।

ସତ କହିବାକୁ ଗଲେ ବଣ ଆମର ସାଥୀ। ପଶୁପକ୍ଷୀ ଆମ ପରିବେଶ ପାଇଁ ଖୁବ୍ ଦରକାରୀ। ଆମେ ସେମାନଙ୍କ ଉପରେ ଅତ୍ୟାଚାର କରିବା ନାହିଁ କି ସେମାନଙ୍କୁ ମାରିବା ନାହିଁ। ସେମାନେ ବଞ୍ଚିଲେ ଆମେ ବଞ୍ଚିବା ସହିତ ଆମ ପରିବେଶ ବି ବଞ୍ଚିବ।

**–ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ମତାମତ


ରାଖୀ ପାଇଁ 'ପିଲାଙ୍କ ଧରିତ୍ରୀ'ର ପ୍ରତ୍ୟେକ ପୃଷ୍ଠାର ଡିଜାଇନ୍ ଆକର୍ଷଣୀୟ ହୋଇଥିଲା।
**–ନିରୋଦ ମହାରଣା,** ପାଲଲହଡ଼ା, ଅନୁଗୋଳ

'ଜଣା ଅଜଣା' ସ୍ତମ୍ଭରେ ଆମ ଆଖପାଖରେ ଥିବା ପଶୁପକ୍ଷୀଙ୍କ ବିଷୟରେ ଅନେକ ନୂଆ ନୂଆ ତଥ୍ୟ ଜାଣିଲି।
**–ନିର୍ବିକଳ୍ପ ନାଥ,** ଘଣ୍ଟେଶ୍ୱର, ଭଦ୍ରକ

ପ୍ରଚ୍ଛଦ ବିଷୟ 'ଭାଇ ପାଇଁ ଦିନଟିଏ' ହୃଦୟସ୍ପର୍ଶୀ ଥିଲା। ପ୍ରଥମ ପୃଷ୍ଠାର ଡିଜାଇନ୍ ଖୁବ୍ ସୁନ୍ଦର ଲାଗୁଥିଲା।
**–ଦୀପକ ବେହେରା,** ବାଙ୍କୀ, କଟକ

ଏଥର 'ଆଇନା' ସ୍ତମ୍ଭରେ ଦୁଇ କୁନି ଝିଅଙ୍କର ଫଟୋ ବହୁତ ସୁନ୍ଦର ହୋଇଛି।
**–ବାଦଲ କର,** ରାଜକନିକା, କେନ୍ଦ୍ରାପଡ଼ା

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





ମୋନାଲିସା ସିଲ୍
କୁଜଙ୍ଗ, ଜଗତ୍‌ସିଂହପୁର

## ଚଗଲା ଡୀମ୍ପୁ





# ସ୍ୱାଧୀନତା ଦିବସ
## କାହା ପାଇଁ କେମିତି

**ଚଳିତବର୍ଷ ଆମେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛେ। ଏହା ଆମ ପାଇଁ ସ୍ମରଣୀୟ ହେବ। କରୋନା ମହାମାରୀ ପରେ ସ୍କୁଲରେ ପିଲାମାନେ ଉକ୍ତ ଦିବସକୁ ଉଲ୍ଲାସର ସହ ଅପେକ୍ଷା କରି ରହିଛନ୍ତି। ଏହାକୁ ନେଇ ସେମାନେ ଯାହା କହନ୍ତି...**

ଅନେକ ବର୍ଷ ପୂର୍ବେ ଆମ ଦେଶକୁ ଇଂରେଜମାନେ ଶାସନ କରୁଥିଲେ। ବେପାର ଉଦ୍ଦେଶ୍ୟରେ ଆସି ସେମାନେ ଏଠାରେ ରାଜନୈତିକ ଦୁର୍ବଳତାର ସୁଯୋଗ ନେଇ ଧୀରେ ଧୀରେ ଆମକୁ ଶାସନ କରିବା ଆରମ୍ଭ କରିଥିଲେ। ଶେଷରେ ସେମାନଙ୍କର ଏକଚ୍ଛତ୍ରବାଦୀ ଶାସନରେ ଅତିଷ୍ଠ ହୋଇ ଭାରତବାସୀ ସ୍ୱର ଉତ୍ତୋଳନ କରିଥିଲେ। ସିପାହୀ ବିଦ୍ରୋହରୁ ପଡ଼ିଥିଲା ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏହି ସଂଗ୍ରାମ ଆଗେଇ ଚାଲିଥିଲା। ଏଥିପାଇଁ ଅନେକ ସଂଗ୍ରାମୀଙ୍କୁ ଜେଲ ଯିବାକୁ ପଡ଼ିଥିଲା। ଏପରି କି ନିଷ୍ଠୁର ବ୍ରିଟିଶ୍ ଶାସକ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ପଛାଇ ନ ଥିଲେ। ଶେଷରେ ସତ୍ୟର ବିଜୟ ହୋଇଥିଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସେମାନେ ସବୁଦିନ ପାଇଁ ଆମ ଦେଶ ଛାଡ଼ି ଚାଲିଯାଇଥିଲେ। ଭାରତରେ ଉଡ଼ିଥିଲା ସ୍ୱାଧୀନ ତ୍ରିରଙ୍ଗା। ସେପରି ଦିନକୁ ମନେରଖିବା ପାଇଁ ପ୍ରତିବର୍ଷ ଏହି ଦିନକୁ ସ୍ୱାଧୀନତା ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଏଥର ଆମେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବା। ଏହି ଦିବସ ଅବସରରେ ଦେଶର ରାଜଧାନୀ ନୂଆଦିଲ୍ଲୀରେ ମୁଖ୍ୟ ଉତ୍ସବ ପାଳନ କରାଯାଇଥାଏ। ଦେଶର ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିଥାନ୍ତି। ଏହାବ୍ୟତୀତ ପ୍ରତ୍ୟେକ ରାଜ୍ୟର ରାଜଧାନୀ, ଶିକ୍ଷାନୁଷ୍ଠାନ, ବେସରକାରୀ ସଂସ୍ଥାରେ ଏହି ଦିବସ ପାଳନ କରାଯାଏ। ସ୍କୁଲରେ ପିଲାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି। ତା'ସହ ଉକ୍ତ ଦିବସ ଅବସରରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ଭାଗ ନିଅନ୍ତି। ସ୍ୱାଧୀନତା ଦିବସ ପାଳନ ଅବସରରେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କୁ ସ୍ମରଣ କରିଥାଉ। ତେବେ ଏଥର ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ କେତେକ ପିଲା ଯାହା କହନ୍ତି, ତାହାକୁ ନେଇ ଉପସ୍ଥାପନା....


### ଉତ୍ସୁକତାର ସହ ଅପେକ୍ଷା କରିଛି



୧୯୪୭, ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହୋଇଥିଲା। ଏହାକୁ ଆମେ ସ୍ୱାଧୀନତା ଦିବସ ଭାବରେ ପାଳନ କରିଥାଉ। ଏହିଦିନ ଆମକୁ ସ୍ୱାଧୀନତା ଦେଇଥିବା ମହାପୁରୁଷଙ୍କୁ ମନେପକାଉ। ସେମାନଙ୍କ ଜୀବନୀ ଏବଂ ଅବଦାନକୁ ସ୍ମରଣ କରିଥାଉ। ଏଥର ଆମେ ୭୫ତମ ସ୍ୱାଧୀନତା ଦିବସ ପାଳନ କରୁଛୁ। ଏଥିପାଇଁ ଆମ ସ୍କୁଲରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ପ୍ରତିଥର ଜାତୀୟ ସଙ୍ଗୀତ ଗାନ ସମୟରେ ଭାବବିହ୍ୱଳ ହୋଇଯାଇଥାଏ। କାରଣ ଏହା ଆମ ମନରେ ଦେଶପ୍ରେମକୁ ଉଜାଗର କରିଥାଏ। 'ଭାରତ ମାତା କି ଜୟ' କହିବା ସମୟରେ ମନରେ ଯେଉଁ ଖୁସିର ଲହରି ଖେଳିଯାଏ, ତାହାକୁ ବର୍ଣ୍ଣନା କରିପାରିବି ନାହିଁ। ସବୁବେଳେ ମହାପୁରୁଷଙ୍କ ଜୀବନୀ ପଢ଼ିବାକୁ ଭଲ ପାଏ। ତେଣୁ ସେଭଳି କିଛି ବହି ସଂଗ୍ରହ କରି ଘରେ ରଖିଛି। ସାଙ୍ଗମାନଙ୍କ ସହ ଅନେକ ସମୟରେ ଏପରି ବିଷୟରେ ଆଲୋଚନା କରିଥାଏ।

**-ଅଙ୍କିତା ପ୍ରିୟଦର୍ଶିନୀ,** କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ-୧, କଟକ

### ଏଥର ସ୍ୱାଧୀନତା ଦିବସର ମଜା ନିଆରା



ବହୁ ବର୍ଷ ପୂର୍ବେ ଆମ ଦେଶକୁ ବ୍ରିଟିଶ ଶାସନ କରୁଥିଲେ। ସେମାନଙ୍କ ଅତ୍ୟାଚାର ବିରୋଧରେ ପ୍ରଥମେ ସିପାହିମାନେ ସ୍ୱର ଉତ୍ତୋଳନ କଲେ। ୧୮୫୭ରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବିଗୁଲ ବାଜିଥିଲା। ତା'ପରେ ଏହି ଆନ୍ଦୋଳନରେ ଆମ ଦେଶବାସୀ ସାମିଲ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସମସ୍ତେ ଏକାଠି ହୋଇ ସେହି ଫିରିଙ୍ଗୀ ଶାସନର ଅନ୍ତ ଘଟାଇଥିଲେ। ଏଥର ଆମେ ୭୫ତମ ସ୍ୱାଧୀନତା ଦିବସ ପାଳନ କରୁଛେ। ତେଣୁ ଏହି ଦିବସର ମଜା ଏଥର ନିଆରା ହେବ। ଆମ ସ୍କୁଲରେ ମଧ୍ୟ ଏହି ଦିବସକୁ ବେଶ୍ ଜାକଜମକରେ ପାଳନ କରାଯିବ। ପ୍ରତିବର୍ଷ ଆମ ସ୍କୁଲରେ ଏହି ଦିବସକୁ ପାଳନ କରିଥାଏ। ଆମେ ଏଥର ସାଙ୍ଗମାନେ ଏକାଠି ହୋଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଏକ କ୍ଷୁଦ୍ର ନାଟକ ପ୍ରସ୍ତୁତ କରିଛୁ। ଅନ୍ୟମାନେ ଏହି ନାଟକରୁ କିଛି ଶିଖିପାରିବେ ବୋଲି ଆଶା ରହିଛି।

**-ସ୍ୱୟମ୍ଭୁ ପରିଡ଼ା,** କ୍ଲାସ-୯, ବିଜେଇଏମ୍ ସ୍କୁଲ, ସତ୍ୟଭାମାପୁର,ଭୁବନେଶ୍ୱର

### ରୋଗୀଙ୍କ ସେବା କରିବୁ

କଥାରେ ଅଛି 'ମାନବ ସେବା ହିଁ ମାଧବ ସେବା'। ପ୍ରତିବର୍ଷ ସ୍ୱାଧୀନତା ଦିବସ ଅବସରରେ ମୁଁ ନିକଟସ୍ଥ ହସ୍ପିଟାଲକୁ ବାପାଙ୍କ ସହ ଯାଇଥାଏ। ସେଠାରେ ରୋଗୀମାନଙ୍କୁ ଫଳମୂଳ ଏବଂ ଔଷଧ ବାଣ୍ଟିଥାଏ। ଏଥର ମଧ୍ୟ ସେହି କାମକୁ ଜାରି ରଖିବି। ଚଳିତବର୍ଷ ଆମେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛେ। ତେଣୁ ଏହାକୁ ସ୍ମରଣୀୟ କରିବା ଲାଗି ଏଥର ସାଙ୍ଗମାନଙ୍କ ସହ ମିଶି ପାଖ ହସ୍ପିଟାଲକୁ ଯିବୁ। ସେଠାରେ କିଛି ରୋଗୀଙ୍କୁ ଫଳମୂଳ ବାଣ୍ଟିବୁ। ତା'ସହ ସେମାନଙ୍କ ସହ କିଛି ସମୟ ଶେୟାର କରିବୁ। ହେଲେ ସେହି ସମୟରେ କରୋନା ନିୟମ ପାଳନ କରିବାକୁ ଭୁଲିବୁ ନାହିଁ। ଏଥର ସ୍ୱାଧୀନତା ଦିବସ ପାଳନ ମୋ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ।



**-ଆୟୁସ୍ମିତା ଖୁଣ୍ଟିଆ,** କ୍ଲାସ-୫, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର



### ଆମ ପାଇଁ ଗର୍ବ

ଅଗଷ୍ଟ ୧୫ ଆସିଲେ ମନରେ ସ୍ୱତଃ ଗର୍ବ ଆସେ ଯେ ଆମେ ଭାରତୀୟ। ଆମର ଜୀବନ ଥିବା ପର୍ଯ୍ୟନ୍ତ ଆମେ ଦେଶ ପାଇଁ କିଛି କାମ କରିବା ଦରକାର। ପ୍ରତିବର୍ଷ ସ୍ୱାଧୀନତା ଦିବସ ମୋ ପାଇଁ ସ୍ମରଣୀୟ। ଏହି ଦିବସ ଅବସରରେ ପ୍ରତିବର୍ଷ ଆମ ଗାଁରେ ବୃକ୍ଷରୋପଣ କରିଥାଏ। ତା'ସହ ଅନ୍ୟମାନଙ୍କୁ ଏଥିପାଇଁ ସଚେତନ କରାଇଥାଏ। ଏଥର ଆମ ଗାଁରେ ଆମେ ସାଙ୍ଗମାନେ ଏକାଠି ହୋଇ ୭୫ଟି ଗଛ ଲଗାଇବାକୁ ଯୋଜନା କରିଛୁ। କାରଣ ପରିବେଶ ସୁରକ୍ଷା ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥର ଆମ ସ୍କୁଲରେ ୭୫ତମ ସ୍ୱାଧୀନତା ଦିବସ ବେଶ ଉତ୍ସାହର ସହ ପାଳନ କରାଯିବ। ମୁଁ ଏଥିରେ ଅଂଶ ଗ୍ରହଣ କରି ନିଜକୁ ଧନ୍ୟ ମନେକରିବି। କାରଣ ଏହି ଦିବସ ଆମ ପାଇଁ ସବୁବେଳେ ସ୍ମରଣୀୟ।



**-ପ୍ରଜ୍ଞାନ କୁମାର ହୋତା,** କ୍ଲାସ-୯,ସାରସ୍ୱତ ବିଦ୍ୟା ନିକେତନ, ଲୋକନାଥ ରୋଡ, ପୁରୀ

### ସବୁବେଳେ ସ୍ମରଣୀୟ

ଆମ ଦେଶକୁ ସ୍ୱାଧୀନ କରିବା ଲାଗି ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ଆମେ କଦାପି ଭୁଲିପାରିବା ନାହିଁ। ନ ହେଲେ ବୋଧହୁଏ ଆମେ ଆଜି ପର୍ଯ୍ୟନ୍ତ ପରାଧୀନ ହୋଇ ରହିଥାଆନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଏଥର ଆମେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛେ। କରୋନା ପାଇଁ ଆମେ ଗତ ଦୁଇ ବର୍ଷ ଧରି ଏହି ଦିବସକୁ ସ୍କୁଲରେ ଏକତ୍ର ହୋଇ ପାଳନ କରିପାରୁ ନ ଥିଲୁ। ହେଲେ ଏଥର ସ୍ୱାଧୀନତା ଦିବସ ପାଳନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି। ଏଥର ଆମ ସ୍କୁଲରେ ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିରେ ମୁଁ ଅଂଶଗ୍ରହଣ କରିବି। ପ୍ରତିଟି ସ୍ୱାଧୀନତା ଦିବସ ମୋ ପାଇଁ ସ୍ୱତନ୍ତ୍ର। କାରଣ ଆଜି ଆମ ଦେଶ ଶାସନର ଡୋରୀ ଆମ ହାତରେ ରହିଛି। ଏଥର ସ୍ୱାଧୀନତା ଦିବସର ଭରପୂର ମଜା ନେବି।

**- ମୁସକାନ୍ ବିଶ୍ୱାଳ** କ୍ଲାସ-୭, ସରକାରୀ ୟୁପି ସ୍କୁଲ, କୋଟକଣା, ରଘୁନାଥପୁର, ଜଗତ୍‌ସିଂହପୁର



# ଗିନିଜ୍ ୱାର୍ଲ୍ଡ ରେକର୍ଡ




## ସର୍ବକନିଷ୍ଠ ଡକ୍ଟରେଟ୍

କମ୍ ବୟସରେ ସାଧାରଣତଃ ଛୋଟ ପିଲାମାନଙ୍କର ପାଟି ଫିଟି ନ ଥାଏ। ଆଖପାଖର ଲୋକଙ୍କୁ ଦେଖି ସେ କଥା କହିବା ଶିଖିଥାଏ। କିନ୍ତୁ କେ.ଏଲ୍. ଧୀରଜ ଯାହା ବି ଶୁଣୁଥିଲେ ଥରକରେ ହିଁ ତାକୁ ମନେରଖି ଦେଉଥିଲେ, ଆଉ ତାକୁ ଉଚ୍ଚାରଣ କରି କହି ପାରୁଥିଲେ । ମାତ୍ର ୫ ବର୍ଷ ବୟସରେ ସେ ତିନି ତିନୋଟି ରେକର୍ଡ କରିଛନ୍ତି। ଚେନ୍ନାଇର ଏକ ସ୍କୁଲରେ ସେ ୟୁକେଜିରେ ପଢୁଛନ୍ତି। ମ୍ୟାପ୍ ହେଉ ଅବା ଗ୍ଲୋବ୍‌ରେ ଦେଶଗୁଡ଼ିକୁ ଫଟାଫଟ୍ ଚିହ୍ନାଇବା, ଦେଶଗୁଡ଼ିକର ଜାତୀୟ ପତାକାକୁ କହିବା ସହ ବୈଜ୍ଞାନିକମାନଙ୍କ ନାଁ କହିବାରେ ସେ ବେଶ୍ ଧୁରନ୍ଧର। ଏକ ମିନିଟ୍‌ରେ ୭୯ଟି ଦେଶର ଜାତୀୟ ପତାକାର ନାଁ କହି ସେ ଗିନିଜ୍ ରେକର୍ଡ କରିଛନ୍ତି। ୭୭ଟି ଦେଶର ଜାତୀୟ ପତାକାର ନାଁ କହିଥିବା ପୂର୍ବ ରେକର୍ଡ ହୋଲଡରଙ୍କ ରେକର୍ଡକୁ ମଧ ଭାଙ୍ଗିଛନ୍ତି। ୱାର୍ଲ୍ଡ ମ୍ୟାପ୍ ପଜଲ୍‌କୁ ଅଳ୍ପ ସମୟରେ ସମାଧାନ କରି ସେ ୟୁକେର ୱାର୍ଲ୍ଡ ରେକର୍ଡସ୍ ୟୁନିଭର୍ସିଟିରୁ ଡକ୍ଟରେଟ୍ ଉପାଧି ହାସଲ କରିଛନ୍ତି। ସଫଳତା ବାପା, ମା'ଙ୍କ ପ୍ରେରଣା ଓ ସହଯୋଗରୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

# ଏଥରର



- କେଉଁ ଆନ୍ଦୋଳନରେ ମହାତ୍ମା ଗାନ୍ଧୀ 'କର ବା ମର'ର ଆହ୍ୱାନ ଦେଇଥିଲେ ?
- ସ୍ୱାଧୀନତା ଦିବସରେ କିଏ ଲାଲକିଲ୍ଲାଠାରେ ପତାକା ଉତ୍ତୋଳନ କରନ୍ତି ?
- କେବେ ତ୍ରିରଙ୍ଗାକୁ ରାଷ୍ଟ୍ରୀୟ ଧ୍ୱଜାର ସ୍ୱୀକୃତି ପ୍ରଦାନ କରାଯାଇଥିଲା ?
- ସ୍ୱାଧୀନ ଭାରତର ପ୍ରଥମ ମହିଳା ମନ୍ତ୍ରୀ କିଏ ଥିଲେ ?
- ତ୍ରିରଙ୍ଗାରେ ଅଶୋକ ଚକ୍ର ପୂର୍ବରୁ କ'ଣ ସ୍ଥାନିତ ହୋଇଥିଲା ?

ଉ ତ ର

## ଗତଥରର



- ଶ୍ରାବଣ ମାସ ପୂର୍ଣ୍ଣିମୀ
- ଗହ୍ମା ପୂର୍ଣ୍ଣିମା
- ବଳଭଦ୍ର
- ଝୁଲଣ ଯାତ୍ରା
- ଗଜପତି ଦ୍ୱିତୀୟ ଦିବ୍ୟସିଂହ ଦେବ

## ଆମ ତ୍ରିରଙ୍ଗା

ଦେଶ ସାରା ଉଡେ ତ୍ରିରଙ୍ଗା ପତାକା
ଆସିଲା ଅଗଷ୍ଟପନ୍ଦର
ସବୁରି ତୁଣ୍ଡରେ ଜୟଜୟ ଧ୍ୱନି
ସ୍ୱାଧୀନ ଭାରତମାତାର।
ଏହି ମାଟି ପାଇଁ କେତେ ଦେଶପ୍ରେମୀ
ଭୋଗିଥିଲେ କାରାବରଣ
ନିରିମମ ସେହି ବ୍ରିଟିଶ ଶାସକ
ଦେଉଥିଲେ ଖାଲି କଷଣ।
ସହିପାରିଲେନି ଆମରି ବାପୁଜୀ
ଅହିଂସା ଅସ୍ତ୍ରକୁ ଧରିଲେ
ସେହି ଅସ୍ତ୍ର ବଳେ ପରାଜିତ ହୋଇ
ବିଦେଶୀ ଦେଶରୁ ହଟିଲେ।
ଇଂରେଜ ଶାସକ ଚାଲିଗଲେ ଦେଶୁ
ହସିଲା ଭାରତବରଷ
ତ୍ରିରଙ୍ଗା ପତାକା ଉଡ଼େ ଫରଫର
ସ୍ୱାଧୀନ ହୋଇଲା ଦେଶ।

**-କବିତା ମିଶ୍ର**
ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦

## କବିତା

## ସ୍ୱାଧୀନତା ଦିବସ

ନଭକୁ ଚୁମି ଉଡ଼େ ତ୍ରିରଙ୍ଗା
ଗାଏ ଅତୀତ ଗାଥା
ଏକତା ସୂତ୍ରେ ବନ୍ଧା ତ ସର୍ବେ
ଗର୍ବେ ଟେକନ୍ତି ମଥା।
ସୁସଜ୍ଜିତ ମୋର ଭାରତଭୂମି
ଉତ୍ସବ ମୁଖରିତ
ପଲ୍ଲୀରୁ ନଗ୍ର ବାଲ୍ୟରୁ ବୃଦ୍ଧ
ସର୍ବିଏଁ ଉତ୍ସାହିତ।
ପୁଷ୍ପର ଗନ୍ଧେ ମାଦକ ଛନ୍ଦେ
ନାଚଇ ବର୍ତ୍ତମାନ
ବିଶ୍ୱରେ ଶ୍ରେଷ୍ଠ ଭାରତବର୍ଷ
ହୋଇଛି ଗରିୟାନ।

**-ସୁଭାଷ ଚନ୍ଦ୍ର ଭୂତିଆ**
ଡିହତୋଳ, ପରଜଙ୍ଗ, ଢେଙ୍କାନାଳ
ମୋ: ୮୦୧୮୮୮୪୮୦୬

## ପତାକା ଉଡ଼ାଇଦେବା

ଆସ ଉଡ଼ାଇବା ଜାତୀୟ ପତାକା
ମୁକତି ସଙ୍ଗୀତ ଗାଇ
ନେବାରେ ଶପଥ ମିଳି ମିଶି ଆମେ
ପତାକା ତଳରେ ଥାଇ।
ଗାନ୍ଧୀ ଗୋପବନ୍ଧୁ ନେହେରୁ ପଟେଲ୍
ଅହିଂସା ନୀତିରେ ଲଢ଼ି
ବିଦେଶୀଙ୍କୁ ତଡ଼ି ଦେଶ ଚଳାଇଲେ
ନୂଆ ସମ୍ବିଧାନ ଗଢ଼ି।
ବାପୁଙ୍କର ସେଇ ଅଭୁଲା ମନ୍ତ୍ରକୁ
ମନେ ରଖିଥିବା ସଦା
ସାକାର କରିବା ତାଙ୍କରି ସପନ
ରହିଅଛି ଯାହା ଅଧା।

**-ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦



## ମାତୃଭୂମି

ଜନନୀ ପରି ଆଦର ସଦା
ଦେଉଛି ସତେ ସିଏ
ମାଆ ନୁହେଁ ସେ ମାତୃଭୂମି
ତା ସରି ହେବ କିଏ ?
ଜନମ ନେଇ କୋଳରେ ତା'ର
ନିଜକୁ ଧନ୍ୟ ମଣେ
ସେ ହିଁ ଏକା ରହିଛି ସାକ୍ଷୀ
ଜୀବନେ ପ୍ରତିକ୍ଷଣେ।
ପୟରେ ତା'ର ବାଢୁଛି ମୁହଁ
ଭକତି ଅର୍ଘ୍ୟ ମୋର
ସରଗଠାରୁ ମହାନ୍ ସିଏ
ମାତୃଭୂମି ମୋର।

**-ମାନସ କୁମାର ପାଢ଼ୀ**
ଧାମରା, ଭଦ୍ରକ
ମୋ: ୯୭୭୭୦୬୯୬୨୪

## ବନ୍ଦେ ମାତରମ୍

ଦେଶ ମାତୃକାକୁ ବିଦେଶୀ କବଳୁ
ମୁକ୍ତ କରିଥିଲେ ଯିଏ
ସେ ବୀର ପୁରୁଷ ରହିଲେ ଅମର
ଆମ ଇତିହାସ କୁହେ।
ଅଗଷ୍ଟ ପନ୍ଦର ପବିତ୍ର ଦିବସେ
କରିବା ତାଙ୍କୁ ସମ୍ମାନ
ତାଙ୍କ ପ୍ରେରଣାକୁ ହୃଦୟେ ସୁମରି
ରଖିବା ତାଙ୍କର ମାନ।
ଦେଶର ବିକାଶେ ଆମର ବିକାଶ
ରଖି ଏହି ଭାବ ହୃଦେ
ଦେଶ ହିତ ପାଇଁ ଗର୍ବରେ ଗାଇବା
ବନ୍ଦେ ମାତରମ୍ ବନ୍ଦେ।

**-ରାମଚନ୍ଦ୍ର ବେହେରା**
ବରୋଦା, ଗୁଜରାଟ
ମୋ: ୭୩୫୫୬୭୩୪୩୪୬

## ଆମ ସ୍ୱାଧୀନତା

ତ୍ରିରଙ୍ଗା ଆମରି ଜାତୀୟ ପତାକା
ରଖିବା ତାହାରି ନାମ
ପାଠ ପଢି ଭାଇ ସମାଜ ଗଢ଼ିବା
କରି ଜାତି ସ୍ୱାର୍ଥ କର୍ମ।
ଏ ପତାକା ପାଇଁ ଭାରତ ବରଷେ
କେତେ ରକ୍ତପାତ ଧାର
ଇତିହାସ କହେ ମୂକସାକ୍ଷୀ ହୋଇ
ସ୍ୱର୍ଣ୍ଣାକ୍ଷରେ ବାରମ୍ବାର।
ବୀରଦର୍ପେ କୁହ ହେ ଭାରତବାସୀ
ଭାରତ ମାତା କି ଜୟ
କୋଟିଏ ଭିତରେ ଗୋଟିଏ ହୋଇବା
ଭାରତୀୟ ପରିଚୟ।

**-ଜିତୁ ପ୍ରଧାନ**
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୭୬୮୧୦୪୪୮୭୪

## କହିଲ ଦେଖି

ତିନୋଟି ରଙ୍ଗରେ ସଜେଇ ହୋଇ
ଫର ଫର ହୋଇ ଉଡୁଛି ସେହି
ନାରଙ୍ଗୀ ଧଳା ଆଉ ସବୁଜ ରଙ୍ଗ
ଉଡ଼ିଲେ ଦେହରେ ଖେଳେ ତରଙ୍ଗ
ମଝିରେ ତାହାର ଚକ୍ରଟେ ଥାଇ
ଆମରି ଜାତୀୟ ପତାକା ସେହି




ଉ- ତ୍ରିରଙ୍ଗା

ଏହି ଦିନ ଆମେ ସ୍ୱାଧୀନ ହେଲୁ
ଇଂରେଜ ହାତରୁ ମୁକୁଳି ଥିଲୁ
ଆମ ପାଇଁ ତାହା ଥିଲା ତ ଗର୍ବ
ସେଦିନୁ ପାଳୁଛୁ ବିଜୟ ପର୍ବ
କେଉଁ ମାସ ଆଉ ତାରିଖ ସେହି
କିଏ ସେ ଜାଣିଛ ପାରିବ କହି ?



ଉ- ଅଗଷ୍ଟ ପନ୍ଦର

ଆଖିରେ ଚଷମା ହାତରେ ବାଡ଼ି
ଅଣ୍ଟାରେ ତାଙ୍କର ଥିଲା ତ ଘଡ଼ି
ଦେଉଥିଲେ ସିଏ ଅହିଂସା ବାର୍ତ୍ତା
ସାଜିଲେ ଆମର ଜାତୀୟ ପିତା
ସ୍ୱାଧୀନତାର ସେ ମୁଖ୍ୟ ପୁରଧା
ଭାରତ ଗାଉଛି ଆଜି ତାଙ୍କରି ଗାଥା।



ଉ- ମହାତ୍ମା ଗାନ୍ଧୀ

ବିଜୟର ଗାଥା ଗାଉଛି ଯିଏ
ଗାଇଦେଲେ ମନ ପବିତ୍ର ହୁଏ
ଦେହରେ ଭରଇ ଅଜଣା ଶକ୍ତି
ଲାଗଇ ଆମକୁ ମିଳିଛି ମୁକ୍ତି
ଆନନ୍ଦେ ଗାଆନ୍ତି ଆମରି ଜନ
କି ସୁନ୍ଦର ସେ ଜନ ଗଣ ମନ।



ଉ- ଜାତୀୟ ସଙ୍ଗୀତ

**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରାଚିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ଜଣା ଅଜଣା





## ଶୁଣିପାରେନି ପ୍ରଜାପତି

ପ୍ରଜାପତିର ଶ୍ରବଣ କ୍ଷମତା ନଥାଏ। ସେମାନେ ଯେକୌଣସି ଶବ୍ଦ ଭାଇବ୍ରେଶନ୍ ଦ୍ୱାରା ହିଁ ଜାଣିପାରନ୍ତି। ବାୟୁମଣ୍ଡଳର ତାପମାତ୍ରା ୨୮ ଡିଗ୍ରୀ ସେଲସିୟସ୍‌ରୁ କମ୍ ରହିଲେ ସେମାନେ ନିଜକୁ ଏହି ତାପମାତ୍ରାରେ ଖାପ ଖୁଆଇ ଉଡ଼ିପାରନ୍ତି ନାହିଁ।

## ଜନ୍ମ ହେଲାପରେ ଦୌଡ଼ନ୍ତି ଘୋଡ଼ା

ଘୋଡ଼ାର ପିଲା ଜନ୍ମ ହେବାର ମାତ୍ର କେଇ ଘଣ୍ଟା ପରେ ଚାଲନ୍ତି ଏବଂ ଦୌଡ଼ନ୍ତି। ସେମାନଙ୍କ ଆଖି ୩୬୦ ଡିଗ୍ରୀ ପର୍ଯ୍ୟନ୍ତ ଦେଖିପାରେ। ଅର୍ଥାତ୍ ସେମାନେ ଚତୁଃଦିଗକୁ ଖୁବ୍ ସହଜରେ ଦେଖିପାରନ୍ତି।

## ସିଂହ ଶିକାରକୁ ପୋତିଦିଏ

ପାହାଡ଼ି ସିଂହ ତା'ର ଶିକାରକୁ ମାଟିତଳେ ପୋତିଦିଏ। ପରେ ଯେତେବେଳେ ତାକୁ ଭୋକ ଲାଗେ ସେ ମାଟି ଭିତରେ ଲୁଚାଇଥିବା ଶିକାରକୁ ଖାଇଥାଏ। ସିଂହ ଗର୍ଜନ ପାଖାପାଖି ୮ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଏ।



## ପେଚା କେବଳ ନୀଳ ରଙ୍ଗ ଦେଖିପାରେ

ପେଚା କେବଳ ନୀଳ ରଙ୍ଗକୁ ଦେଖିପାରେ। ସେ ତା' ଆଖିକୁ ବୁଲାଇପାରେ ନାହିଁ। ହେଲେ ବେକ ୨୭୦ଡିଗ୍ରୀ ପର୍ଯ୍ୟନ୍ତ ଅର୍ଥାତ୍ ଦୁଇ ପାର୍ଶ୍ୱକୁ ୧୩୫-୧୩୫ ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇପାରେ। ଫଳରେ ଯଦି ଆପଣ ତା' ପଛରେ ଠିଆ ହୋଇଥିବେ ସେ ନିଜ ଶରୀରକୁ ନ ବୁଲାଇ ବେକ ସାହାଯ୍ୟରେ ଖୁବ୍ ସହଜରେ ଆପଣଙ୍କୁ ଦେଖିପାରିବ।



## ପାଣି ବିନା ମୂଷା ବଞ୍ଚିପାରେ

ମୂଷା ପାଣି ନ ପିଇ ଓଟଠାରୁ ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚିପାରେ। ସେ ଏକାଥରେ ୨୦ଟି ଛୁଆ ଜନ୍ମ କରିପାରେ। ମୂଷାର ଦାନ୍ତ ବହୁତ ତୀକ୍ଷ୍ଣ ଓ ବଡ଼। ଯେତେବେଳେ ସେ ନିଜ ଦାନ୍ତକୁ ଛୋଟ କରିବାକୁ ଚାହେଁ, ସେତେବେଳେ ସେ କାଠ କାଟିଥାଏ।



# ଆ ଇ ନା



ପ୍ରିତିସା ରାଉତ
୭ ବର୍ଷ / ଭୁବନେଶ୍ୱର

ଦେବାଂଶୁ ଆଚାର୍ଯ୍ୟ
୭ ବର୍ଷ / କଲିକତା

